## ବିଦ୍ୟାଳୟରେ ବାଳିକା ଦିବସ

ବାଲିଆପାଳ,(ଗୋପାଳ ଚନ୍ଦ୍ର ସାହୁ)-ବାଲିଆପାଳ ବ୍ଲକ ପ୍ରତାପପୁର ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାଳିକା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି କାଳୀପଦା ବଜାର, ହସ୍ପିଟାଲ ଛକ ପର୍ଯ୍ୟନ୍ତ ଯାଇ ସଚେତନତା କରିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଜେନା ମୁଖ୍ୟଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜୟ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### କ୍ରିକେଟ୍ ବିଶ୍ୱକପ୍‌କୁ ନେଇ ଖଣି ଅଞ୍ଚଳରେ ସଟ୍ଟା ବଜାର

ଯୋଡ଼ା,୧୨।୧୦(ମାନସ ମହାନ୍ତି): ଭାରତରେ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଖେଳାଯାଉଛି। ଏହି ସମୟରେ କେନ୍ଦୁଝର ଜିଲାର ଖଣି ସହର ଯୋଡ଼ା, ବଡ଼ବିଲ, ଜୁରୁଡ଼ି, ଭଦ୍ରାସାହି ପ୍ରଭୃତି ଅଞ୍ଚଳରେ ସଟ୍ଟା ବଜାର ସରଗରମ ହୋଇଛି। କିଛିସଟ୍ଟା ବାଜି ଅନ୍‌ଲାଇନ ମାଧ୍ୟମରେ ହେଉ ଥିବା ବେଳେ ଅନ୍ୟ କିଛି ସଂଘଟିତ ଗୋଷ୍ଠୀ ଗୋପନରେ ବିଭିନ୍ନ ହୋଟେଲ ଓ ପରିତ୍ୟକ୍ତ ସ୍ଥାନରେ ବସି ବାଜି ଲଗାଉଛନ୍ତି। ଯୋଡ଼ା, ବଡ଼ବିଲ ଅଞ୍ଚଳରେ ହେଉଥିବା ଖେଳକୁ ମୁଖ୍ୟତଃ ଝାଡ଼ଖଣ୍ଡ ରାଜ୍ୟର ଜାମସେଦପୁର, ଚାଇଁବସା, ଜଗନ୍ନାଥପୁର ପ୍ରଭୃତି ସ୍ଥାନରୁ ନିୟନ୍ତ୍ରଣ ହେଉଥିବା ଜଣାଯାଇଛି। ଏହିପରି ସଟ୍ଟା ବା ଜୁଆ ଖେଳରୁ ଯୁବଗୋଷ୍ଠୀ ବିରତ ରହିବା ପାଇଁ ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

### ବିଜେଡିର କର୍ମୀ ସମାବେଶ

ତିହିଡି,୧୨।୧୦(ସଞ୍ଜିତ ବଳ): ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ୍ ଅଧୀନ କୁବେରା ପଞ୍ଚାୟତରେ ବୁଧବାର ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ୬ ଓ ୭ ନଂ. ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅବସରରେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକଙ୍କ ପୌରୋହିତ୍ୟରେ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ବିଜୟ ନାୟକ ଯୋଗଦେଇ ଧାମନଗର ନିର୍ବାଚନ ମଣ୍ଡଳୀରେ ଯେଉଁ ବିକାଶର ଧାରା ଅବ୍ୟାହତ ରହିଛି ତାହା ପ୍ରତିଦାନ ସ୍ୱରୂପ ନବୀନଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ବରେଣ୍ୟ ଅତିଥି ଡା.ସଞ୍ଜୟ ଦାସ, ଅନ୍ୟତମ ଅତିଥି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ, ଜିଲାପରିଷଦ ସଭ୍ୟା ରୁଜାତା ପଣ୍ଡା ଓ ଶାରଦା ପ୍ରସନ୍ନ ସାହୁ, ବରିଷ୍ଠ ନେତା ହରେକୃଷ୍ଣ ଜେନା, ଆଦିତ୍ୟ ଜେନା, ଶରତ ଦାସ ଓ ହରେକୃଷ୍ଣ ପାଢ଼ୀ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ଦେବକୀ ଦାସ, ଯୁବ ସଭାପତି ସୁଧନ୍ୱା ନାୟକ, ସମିତିସଭ୍ୟ ଭାଗିରଥି ମଲ୍ଲିକ, ସସ୍ମିତା ବେହେରା ଓ ଜୀବନଜ୍ୟୋତି ପଲେଇ, ବାଣୀକଲ୍ୟାଣ ମହାପାତ୍ର, ଜୟପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସମିତିସଭ୍ୟ ବିଷ୍ଣୁମୋହନ ପଲେଇ ଧନ୍ୟବାଦ ଦେଇଥିଲେ।

### ବାଲିଚାଲାଣ ବେଳେ ୩ ଟ୍ରାକ୍ଟର ଜବତ

ଚମ୍ପୁଆ,୧୨।୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅନ୍ତର୍ଗତ ଭଣ୍ଡା ମେର୍ମେଦା ନାଳରୁ ବାଲିଚାଲାଣ ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଚଢ଼ାଉରେ ୩ ବାଲିବୋଝେଇ ଟ୍ରାକ୍ଟର ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଭଣ୍ଡା ରାଜସ୍ୱ ନୀରିକ୍ଷକ ସାର୍ଥକ ସାରଥି ବାରିକ ୩ ଟ୍ରାକ୍ଟର ଜବତ କରିଥିଲେ। ବାଲି ବୋଝେଇ ହୋଇଥିବା ୨ ଟ୍ରାକ୍ଟରକୁ ୧୪ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିବା ବେଳେ ଅନ୍ୟ ଏକ ଟ୍ରାକ୍ଟରକୁ ୧୦ ହଜାର ଜରିମାନା କରାଯାଇଥିବା ନାୟକ ସୂଚନା ଦେଇଛନ୍ତି।

### ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା ଘଟଣା: ଜେଲ ଗଲେ ସ୍ୱାମୀ ପରକୀୟା ପ୍ରୀତି ହତ୍ୟାକାଣ୍ଡର କାରଣ

ବାସୁଦେବପୁର, ୧୨।୧୦(ନାରାୟଣ ପ୍ରସାଦ ବାରିକ)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ଗ୍ରାମର ରାଧାରାଣୀ ବେହେରା(୨୫)ଙ୍କ ହତ୍ୟାକାଣ୍ଡର ରହସ୍ୟ ପୋଲିସ ଉନ୍ମୋଚନ କରିଛି। ପରକୀୟା ପ୍ରୀତିପାଇଁ ରାଧାରାଣୀଙ୍କୁ ତାଙ୍କ ସ୍ୱାମୀ ଦୀପକ ଗାଁମୁଣ୍ଡ ଛକ ନିକଟସ୍ଥ ବିଲ ପାଖରେ ଗାମୁଛାରେ ତଣ୍ଟିକୁ ଭିଡ଼ି ହତ୍ୟା କରିଥିବା ତଦନ୍ତ ବେଳେ ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ଲୋପାମୁଦ୍ରା ନାୟକ କହିଛନ୍ତି। ତାମିଲନାଡୁରେ ରହୁଥିବା ବେଳେ ଅନ୍ୟ ଜଣେ ଯୁବକଙ୍କ ସହ ରାଧାରାଣୀଙ୍କର ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏସବୁରୁ ବିରତ ରହିବା ପାଇଁ ବାରମ୍ବାର କହିଥିଲେ ମଧ୍ୟ ରାଧାରାଣୀ ନ ଶୁଣିବାରୁ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ହତ୍ୟା କରିଥିବା ଦୀପକ ସ୍ୱୀକାର କରିଛନ୍ତି। ବାସୁଦେବପୁର ଥାନାରେ ହତ୍ୟା ମାମଲା (ନଂ. ୫୭୦/୨୩) ରୁଜୁ ହୋଇଥିବା ବେଳେ ଗୁରୁବାର ଅଭିଯୁକ୍ତ ଦୀପକଙ୍କୁ କୋର୍ଟଚାଲାଣ ପରେ ଭଦ୍ରକ ଜେଲକୁ ପଠାଯାଇଛି।

# ରାସ୍ତା ଖୋଳିଦେଲେ, ସୁପରଭାଇଜରଙ୍କୁ ବାନ୍ଧିଲେ ମହିଳା

### ନାଟନୋଭ ବାୟୋସାଇନ୍ସ ପ୍ଲାଣ୍ଟକୁ ବିରୋଧ

ବାହାନଗା, ୧୨।୧୦(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତର ଭଗତପୁର ଗ୍ରାମର କିଛି ଦିନ ତଳେ ଗଢିଉଠିଥିବା ନାଟନୋଭ ବାୟୋସାଇନ୍ସ ପ୍ଲାଣ୍ଟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଗୁରୁବାର ଭଗତପୁର ଓ ଆଖପାଖ ଗ୍ରାମର ୧୯ଟି ଏସ୍‌ଏଚଜି ସଦସ୍ୟାମାନେ ପ୍ଲାଣ୍ଟକୁ ଘେରାଉ କରିବା ସହିତ ପ୍ଲାଣ୍ଟର ସୁପରଭାଇଜରଙ୍କୁ ବାନ୍ଧି ପକାଇଥିଲେ। ଖନ୍ତାପଡା ଥାନା ପୋଲସି ପହଞ୍ଚି ସୁପରଭାଇଜରଙ୍କୁ ଉଦ୍ଧାର କରିଥିଲେ। ପ୍ଲାଣ୍ଟର କୌଣସି ମାଲିକ ଓ ମ୍ୟାନେଜରଙ୍କୁ ନ ପାଇ ଶେଷରେ ମହିଳାମାନେ ପ୍ଲାଣ୍ଟକୁ ଯାଇଥିବା ମାଟି ରାସ୍ତାକୁ ଖୋଳି ଦେଇଛନ୍ତି ।

ଭଗତପୁର ଗ୍ରାମ ନିକଟରେ ବାଲେଶ୍ୱର ଅଞ୍ଚଳର ୪ଜଣ ବ୍ୟକ୍ତି ପ୍ରଥମେ ସେହି ଗ୍ରାମକୁ ଯାଇ ଗ୍ରାମର କିଛି ଲୋକଙ୍କଠାରୁ ଜଳ, ଜମି କିଣିଥିଲେ । ସେହି ଜମିରେ ସେ ଘର କରି ରହିବେ ବୋଲି ପ୍ରଥମେ ଲୋକଙ୍କୁ କହିଥିଲେ। ଜମିକିଣି ସାରିବା ପରେ ସେଠାରେ ଏକ ଘର କରି ରହିଥିଲେ । ସେହି ଘର ଓ ଜମିକୁ ଲାଗି ଗ୍ରାମବାସୀଙ୍କ ଗୋଚର ଜମିଥିଲା । ସେହି ଗୋଚର ଜମିକୁ ସେ ନିଜ ଜମି ସହିତ ମିଶାଇ ଅବରୋଧ କରି ନେଇଛନ୍ତି । ଏବେ ସେହି ଜମି ଉପରେ ନାଟନୋଭ ବାୟୋସାଇନ୍ସ ପ୍ଲାଣ୍ଟ ଅର୍ଥାତ ମୁଖ୍ୟମନ୍ତ୍ରୀ କୃଷିଉଦ୍ୟୋଗ ଯୋଜନାରେ ୨ କୋଟି ୬ ଲକ୍ଷ ୪୮ ହଜାର ଟଙ୍କାର ପ୍ରକଳ୍ପରେ ସେହି ପ୍ଲାଣ୍ଟ ପ୍ରତିଷ୍ଠା କରି କାମ ଆରମ୍ଭ କରିଛନ୍ତି। ପ୍ଲାଣ୍ଟ ବସାଇବା ପୂର୍ବରୁ ଗ୍ରାମବାସୀଙ୍କୁ ଏହା ଏକ ଔଷଧ ପ୍ଲାଣ୍ଟ ହେବ ବୋଲି କହିଥିଲେ । ମାତ୍ର କାମ ହେବା ବେଳକୁ ସେଥିରେ ପଚା ସଡ଼ା ମାଛ ଓ ଚିଙ୍ଗୁଡିର କଟା ମୁଣ୍ଡ ତାର ଲାଞ୍ଜି ସମେତ ଚିଙ୍ଗୁଡି ଖୋଳ ଆଦି ଆଣି କାର୍ଯ୍ୟ ଆରମ୍ଭ କରିବା ଫଳରେ ସ୍ଥାନୀୟ ଗ୍ରାମ ସମେତ ଆଖପାଖ ଗ୍ରାମକୁ ଦୁର୍ଗନ୍ଧ ବ୍ୟାପୁଛି । ଯେପର୍ଯ୍ୟନ୍ତ ପ୍ଲାଣ୍ଟ ବନ୍ଦ ନ ହୋଇଛି ସେପର୍ଯ୍ୟନ୍ତ ଏଠାରେ ଜଗିରହିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ପ୍ଲାଣ୍ଟ ଆଗରେ ବିରୋଧ କରୁଥିବା ମହିଳାମାନେ।

# ଭାରତୀୟ ହକି ଦଳର ସଫଳତା ପାଳିଲା ଏଫ୍‌ଏମ୍‌ୟୁ



ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ।

ବାଲେଶ୍ୱର, ୧୨।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ରେ ୧୯ତମ ଏସିଆନ ଗେମ୍‌ସରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସଫଳତା ଅଭିନନ୍ଦନ ଜଣାଇ ଗୁରୁବାର ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମିନା ଦାସ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ହୋଇ ବିଶ୍ୱବିଦ୍ୟାଳୟ ତରଫରୁ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଦଳର ସ୍ୱର୍ଣ୍ଣପଦକ ଓ ମହିଳା ହକି ଦଳର ବ୍ରୋଞ୍ଜପଦକ ହାସଲର ସଫଳତାକୁ ସାମୂହିକ ଉତ୍ସବର ମୁହୂର୍ତ୍ତ ଭାବରେ ପାଳନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ସମର୍ଥନ ଯୋଗୁ ସମ୍ପ୍ରତି ହକି ଦଳ ଏହି ସଫଳତା ପାଇପାରିଛି। ଓଡ଼ିଶା ହକିର ଏକ ହବ୍ ଭାବେ ଆନ୍ତର୍ଜାତିକ ସ୍ତରରେ ପରିଚିତ ହୋଇପାରିଛି। ଆଗାମୀ ପ୍ୟାରିସ ଅଲମ୍ପିକରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣପଦକ ବିଜୟର ଲକ୍ଷ୍ୟ ନେଇ ପ୍ରସ୍ତୁତ ହେଉ ବୋଲି ଆଶାବ୍ୟକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି କାରଣ ହେତୁ ଭାରତ ହକି ଦଳର ସମ୍ପୂର୍ଣ୍ଣ ରୂପରେଖ ବଦଳିବା ସହ ହକିର ଏନ୍ତୁଡ଼ିଶାଳ କୁହାଯାଇଥିବା ଓଡ଼ିଶାର ଅମିତ ରୋହିଦାସ ଓ ଦୀପଗ୍ରେସ୍ ଏକ୍କାଙ୍କ ନିଜର ଉତ୍କୃଷ୍ଟ ଖେଳର ଉଦାହରଣ ଦେଇ ଚଳିତବର୍ଷ ଏସିଆନ ଗେମ୍‌ସରେ ଭାରତକୁ ସ୍ୱର୍ଣ୍ଣପଦକ ହାସଲ କରିବାରେ ସଫଳ ହୋଇଥିଲେ। ଏଥିସହ କାର୍ଯ୍ୟକ୍ରମରେ ପୁରୁଷ ଓ ମହିଳା ହକି ଦଳର ଖେଳଗୁଡ଼ିକର ପ୍ରମୁଖ ଅଂଶକୁ ସମସ୍ତଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପିଇଓ ସଂଗ୍ରାମ କେଶରୀ ବିଶୋୟୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଓ ଗଣିତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅମିତ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ଉଭୟ ହକି ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ରୂପସା, ୧୨।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅଧୀନ ବୁଧିଆମାରି ମୁହାଣ ନିକଟ ସମୁଦ୍ର କୂଳରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ଏହି ଫାଣ୍ଡି ଅଧୀନ ସାର୍ଥା ଚକ ପୋଇପାଳ ଗ୍ରାମର ବିଜୟ ମାଝୀ (୨୪)। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୨୩) ରୁଜୁ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ମୃତ ଯୁବକଙ୍କ ପରିବାର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତ ବିଜୟ ଜଣେ ମତ୍ସ୍ୟଜୀବୀ ଭାବେ ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରନ୍ତି। ମଙ୍ଗଳବାର ସେ ଘରୁ ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ବୁଧବାର ସକାଳେ ସମୁଦ୍ର କୂଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଗୌରହରି ଦାସ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ବର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ବୁବୁନ୍


@ମାନୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ‘ଶିଶୁ ମହୋତ୍ସବ ଦ୍ୱାରା ଲୁକ୍କାୟିତ ପ୍ରତିଭାର ବିକାଶ ହୁଏ’

ବନ୍ତ,୧୨।୧୦(ହରିନାରାୟଣ ମହାନ୍ତି)

ଶିଶୁ ମହୋତ୍ସବ ‘ସୁରଭି’ ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ ହୋଇଥାଏ ବୋଲି ବନ୍ତ ବ୍ଲକ ଆପ୍ତିରା ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ କାଦବରାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପୁହାଣ ଏଥିରେ ସଭାପତିତ୍ୱ କରିଥିଲେ। ବଡ଼ବର୍ଦ୍ଧିକୟାଁ ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ସନ୍ତୋଷ କୁମାର ପହି, ସମିତିସଭ୍ୟା ଦୀପାରାଣୀ ଜେନା, ବାଙ୍କତିରା ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ବ୍ରହ୍ମାନନ୍ଦ ଭୂୟାଁ, ପୂର୍ବତନ ସିଆର୍‌ସିସି ରାମଚନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଶୋକ ଦାସ ଓ ସୁରେନ୍ଦ୍ର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରଣୟ କୁମାର ସିଂହ ମଞ୍ଚ ପରିଚାଳନା, ଶିକ୍ଷକ ଗୋପୀନାଥ ଦାଶ ଅତିଥି ପରିଚୟ ଓ ଶିକ୍ଷକ ସୁଶାନ୍ତ କୁମାର ମହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୨ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି କେନ୍ଦୁଆପଦା ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମା ସଭାପତିତ୍ୱ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଆଲୁମିନି କମିଟି ସଭାପତି କିଶୋର ଚନ୍ଦ୍ର ଦାଶ, କ୍ଲଷ୍ଟର ସଂଯୋଜକ ଶୁଭ୍ର ପ୍ରକାଶ ରାଉଳ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ତରଣିସେନ୍ ଜେନା ଅତିଥି ପରିଚୟ ଓ ମଣିଭଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୩ ବିଦ୍ୟାଳୟର ୧୦୬ ଛାତ୍ରୀଛାତ୍ର ଭାଗ ନେଇଥିଲେ।



ଆପ୍ତିରା ସ୍କୁଲରେ ଅନୁଷ୍ଠିତ ‘ସୁରଭି’ ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତା।

# ଲୁହାପଥର ଗୁଣ୍ଡ ଓଜନ କମିବାକୁ ନେଇ ଅସନ୍ତୋଷ

କେନ୍ଦୁଝର,୧୨।୧୦(ଦୀପକ ମିଶ୍ର)

### ସୁଆକାଟି ଓଏମ୍‌ସି କଣ୍ଟା

କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ସୁଆକାଟି ଓଏମ୍‌ସି କଣ୍ଟାରେ ଓଜନ ପରେ ଲୁହାପଥର ଗୁଣ୍ଡ କମ ବାହାରୁଛି। ଫଳରେ ଟ୍ରକ୍ ମାଲିକମାନେ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଓଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ଟ୍ରକ୍ ମାଲିକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟ୍ରକ୍ ମାଲିସ ସଂଘ ନିର୍ବାଚନରେ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ହୋଇଥିବା ଅୟସକାନ୍ତ ସମସ୍ୟା ସମ୍ପର୍କରେ ଓଏମ୍‌ସି ଆଞ୍ଚଳିକ ଅଧିକାରୀ ଓ କେନ୍ଦୁଝର ଓଜନ ଓ ମାପ ସହକାରୀ ନିୟନ୍ତ୍ରକ ହେମଲତା କିଷାନଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ନିୟମିତ କଣ୍ଟାଗୁଡ଼ିକ ଯାଞ୍ଚ କରାଯିବ ବୋଲି ଓଜନ ଓ ମାପ ବିଭାଗ ଅଧିକାରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ସୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଓଏମସି ଲୁହା ପଥର ଖଣିରୁ ଟ୍ରକ୍‌ଗୁଡ଼ିକ ଲୁହାପଥର ଗୁଣ୍ଡ ଓଜନ କରି ଗନ୍ତବ୍ୟ ସ୍ଥାନକୁ ନେଇଥାନ୍ତି। ମାତ୍ର କିଛିଦିନ ହେବ ଟ୍ରକ୍‌ଗୁଡ଼ିକ ଓଏମ୍‌ସି କଣ୍ଟାରେ ଓଜନ କରି ଗନ୍ତବ୍ୟ ସ୍ଥାନକୁ ଯାଇ ଲୁହାପଥର ଗୁଣ୍ଡ ଡେଲିଭରି ପୂର୍ବରୁ ଓଜନ ବେଳେ କମ ବାହାରୁଛି। ଫଳରେ ଟ୍ରାନ୍ସପୋର୍ଟରମାନେ ଟ୍ରକ୍ ମାଲିକଙ୍କ ଦେୟରୁ ଅର୍ଥ କାଟି ଦେଉଛନ୍ତି, ଯାହା ଫଳରେ ମାଲିକମାନେ ବହୁ କ୍ଷତି ସହୁଛନ୍ତି। ବିଶେଷ କରି ୧୫ ନମ୍ବର କଣ୍ଟାରେ ଏହି ଅସୁବିଧା ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଏ ନେଇ ମାଲିକମାନେ ଓଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି କୌଣସି ଫଳ ନ ପାଇବାରୁ ଟ୍ରକ୍ ମାଲିକମାନେ ଖବରଦାତା ଓ ଅୟସକାନ୍ତ ପଟ୍ଟନାୟକଙ୍କ ସହଯୋଗ ଲୋଡ଼ିଥିଲେ। ଏ ନେଇ ସୁଆକାଟି ଓଏମସିର ପରିଚାଳନା ମ୍ୟାନେଜର ବିଭୀଷଣ ମାଝୀ କହିଛନ୍ତି, ବର୍ଷା ଦିନରେ ଲୁହାପଥର ଗୁଣ୍ଡର ଆଦ୍ରତା ବଢ଼ିଯାଇଥାଏ। ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ୨ରୁ ଅଧିକ ଦିନ ଲାଗୁଥିବାରୁ ତାହା ଶୁଖିଯାଇ ଓଜନ କମୁଥିବା କହିଥିଲେ। ଏହାକୁ ପ୍ରତ୍ୟାଖ୍ୟାନ କରି ଅୟସକାନ୍ତ କହିଛନ୍ତି, ଆଗରୁ କଣ ବର୍ଷା ହେଉ ନ ଥିଲା। ଏବେ କିଛି ଦିନ ହେବ କାହିଁକି ଓଜନ କମୁଛି। କଣ୍ଟା ଖରାପ ଯୋଗୁ ଏଭଳି ସମସ୍ୟା ଉପୁଜୁଥିବା ସେ ଅଭିଯୋଗ କରିଛନ୍ତି।

# କଲେଜ ପରିସରରେ ସଭାକୁ ଯୁବ କଂଗ୍ରେସର ବିରୋଧ

କେନ୍ଦୁଝର,୧୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସ୍କୁଲ ଅଫ ମାଇନିଂ ଇଞ୍ଜିନିୟରିଂ ପରିସରରେ ଆୟୋଜିତ ହୋଇଥିଲା। ପାଠପଢ଼ା ଚାଲିଥିବା ସମୟରେ ମାଇକ ବଜାଇ ସଭା କରାଯିବାକୁ ନେଇ କଂଗ୍ରେସ ପ୍ରତିବାଦ କରିଛି। ଏ ନେଇ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜିଲାର ସର୍ବ ପୁରାତନ ବୈଷୟିକ ଶିକ୍ଷାନୁଷ୍ଠାନ ଓଡ଼ିଶା ସ୍କୁଲ ଅଫ ମାଇନିଂ ଇଞ୍ଜିନିୟରିଂ ପରିସରରେ ପିଲାଙ୍କ ପାଠପଢ଼ା ଚାଲିଥିବା ବେଳେ ଖେଳପଡ଼ିଆରେ ମାଇକ ବଜାଇ ସଭା ହେଲା। ନାଚ ଗୀତ ହୋଇ ଚରମ ବିଶୃଙ୍ଖଳା କରାଗଲା। ଦେଶର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନକୁ ଉନ୍ନତି କରିବା ବଦଳରେ ଏପରି ରାଜନୈତିକ ପଶାପାଲି କରାଯିବା ଘୋର ଦୁର୍ଭାଗ୍ୟଜନକ। ଏପରି ହୀନ ରାଜନୈତିକ କାର୍ଯ୍ୟକ୍ରମକୁ ଉକ୍ତ ଦିନ ବିରୋଧ କରାଯାଇ ପାରିଥାଆନ୍ତା। କିନ୍ତୁ ଛାତ୍ର କଂଗ୍ରେସ କୌଣସି କଲେଜ ପରିସରରେ ବିଶୃଙ୍ଖଳା ଆଶଙ୍କାରେ ଏଡାଇ ଯାଇଥିଲା ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏଥିସହ ମାଇନିଂ ସ୍କୁଲ ପରିସରରେ ଶ୍ରେଣୀ ଚାଲିଥିବା ବେଳେ ସଭା କରି ମାଇକ ବଜାଇବାକୁ ଅନୁମତି କିଏ ଦେଲା ଜିଲ୍ଲା ପ୍ରଶାସନ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଯୁବ କଂଗ୍ରେସ ସଭାପତି ଦାବି କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ, ପାଟଣା ପୂର୍ବତନ ବିଧାୟକ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ନେତା ଆଶିଷ ପାତ୍ର, ରୁଦ୍ରନାରାୟଣ ସାହୁ, ସଂଗ୍ରାମ ବେହେରା, ମାନସ ବେହେରା, ଆକାଶ ବେହେରା, ଏସ. ଶକ୍ତି ସ୍ୱରୂପ, ଦେବସୁଇ ନାରାୟଣ ସିଂ, ଶୁଭଙ୍କର ପଟ୍ଟନାୟକ, ସ୍ୱରୂପ ସେଠୀଙ୍କ ସହିତ ବହୁ ଯୁବ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ୪ କୋଟି ବ୍ୟୟରେ ନିର୍ମାଣ ହେବ ଆଦିବାସୀ ଭବନ

ବାରିପଦା,୧୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମୁର୍ଗାବାଡ଼ିସ୍ଥିତ ଡିପିଆର୍‌ସି ହଲ୍‌ରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି ଅଧ୍ୟକ୍ଷତା କରିଥିଲେ। ଆଦିବାସୀଙ୍କ ଉନ୍ନତି ପାଇଁ ୪ କୋଟି ଟଙ୍କା ବ୍ୟୟରେ ଏକ ଆଦିବାସୀ ଭବନ ନିର୍ମାଣ ହେବ ବୋଲି ସେ କହିଥିଲେ। ବାରିପଦା ସମନ୍ୱିତ ଆଦିବାସୀ ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନର ଆଭିମୁଖ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ବିଭିନ୍ନ ଗୋଷ୍ଠୀମାନଙ୍କ ସହ ଆଲୋଚନା ଓ ସହମତି ଭିତ୍ତିରେ କଳାକାରମାନଙ୍କୁ ବାଦ୍ୟଯନ୍ତ୍ର ଯୋଗାଇବା, ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡ଼ା ପୋଷାକ ଓ ଉପକରଣ ପ୍ରଦାନ କରାଯିବା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ସ୍ପୋର୍ଟସ ମିଟ, ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବ୍ଲକସ୍ତରୀୟ ଐତିହ୍ୟ କେନ୍ଦ୍ର, ଅଧିକରୁ ଅଧିକ ଧର୍ମୀୟ ପୀଠ ନିର୍ମାଣ, ଅଧିକ ସାଂସ୍କୃତିକ ସଂଘ ଗଠନ, ଆଦିବାସୀମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବେ ଆଦିବାସୀ ହାଟ ନିର୍ମାଣ, ଆଦିବାସୀ ତୀର୍ଥ ସ୍ଥଳୀର ଉନ୍ନତୀକରଣ ଓ ବୃହତ ଲକ୍ଷ୍ୟ ସାଧନ ନିମିତ୍ତ ବାହାର ସ୍ଥାନକୁ ଭ୍ରମଣ ଇତ୍ୟାଦି କାର୍ଯ୍ୟକ୍ରମ ରହିଛି ବୋଲି ଅଧ୍ୟକ୍ଷ ମାରାଣ୍ଡି ଉଲ୍ଲେଖ କରିଥିଲେ।

ଜିଲାପାଳ ବିନୀତ ଭରଦ୍ୱାଜ ଉପସ୍ଥିତ ରହି ଆଦିବାସୀମାନଙ୍କ ଉନ୍ନତି ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି କହିଥିଲେ। ପ୍ରକଳ୍ପ କାର୍ଯ୍ୟ ପାଇଁ ଜମି ଆବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାଗୁଡିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପିଏଆଇଟିଡିଏମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ପରିଷଦର ଉପାଧ୍ୟକ୍ଷା କମଳା ତିରିଆ, କରଞ୍ଜିଆ, ଉଦଳା ଓ ରାଇରଙ୍ଗପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପରିଷଦର ସଦସ୍ୟା ସଦସ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକର୍ତ୍ତା ଓ ଅଧିକାରୀମାନେ।

## ପୋଖରୀରୁ ନାବାଳକଙ୍କ ମୃତଦେହ ଜବତ

ଚାନ୍ଦବାଲି,(କିଶାନ ପାତ୍ର): ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଛତ୍ରପଦା ଗାଁ ନିକଟ ଏକ ପୋଖରୀରୁ ନାବାଳକଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ବିଜୟନଗର ପଞ୍ଚାୟତ ଜେନାପୁର ଗାଁର ରମେଶ ଦାସଙ୍କ ପୁଅ ହାଉଡ଼ା(୧୪)। ସେ ନିଜ ପିଉସୀ ଘର ଛତ୍ରପଦାକୁ ବୁଲିବାକୁ ଯାଇଥିଲେ। ବୁଧବାର ରାତିରେ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ସଂକ୍ଷେପରେ

### ରାସ୍ତାକାମ ନେଇ ସୁପରଭାଇଜରଙ୍କୁ ଆକ୍ରମଣ

ନୀଳଗିରି, ୧୨।୧୦(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ବ୍ଲକ ଗୋହିରା ଆରବନ୍ଧ ରାସ୍ତାର ବରହମପୁର ବଜାର ଏବଂ ଗାଁରେ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ ଓ ଉଭୟ ପାଖରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି। ରାସ୍ତାକାମକୁ ନେଇ ଗୁରୁବାର ବିନ୍ଧାଣୀ ଛକଠାରେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବାଙ୍କିସାହି ଗ୍ରାମର ସୁକାନ୍ତ କୁମାର ବେହେରା, କେଦାରନାଥ ମହାନ୍ତି ଏବଂ ବରହମପୁର ଗ୍ରାମର କିଛି ବ୍ୟକ୍ତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗ୍ରାମର ସନ୍ତୋଷ କୁମାର ବେହେରା, ରବୀନ୍ଦ୍ର ବେହେରା, ଭଗବାନ ସାହୁ, ପିତାମ୍ବର ବାରିକ ଉଭୟଙ୍କୁ ଲୁହାରଡ଼, ଠେଙ୍ଗା, କୋଦାଳ ବେଣ୍ଟ ସାହାଯ୍ୟରେ ଆକ୍ରମଣ କରିଥିବା ନେଇ ସୁକାନ୍ତ କୁମାର ବେହେରା ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସେ ପିନ୍ଧିଥିବା ସୁନାଚେନ ନେଇଯିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ କରିଛନ୍ତି। ସୁକାନ୍ତ ଏବେ ବରହମପୁର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

### ୧୪୪ ଧାରା ଅଞ୍ଚଳରୁ ଜେସିବି ଜବତ

ଖୁଣ୍ଟା, ୧୨।୧୦(ଦେବରଞ୍ଜନ ବେହେରା)– ଦୀର୍ଘ ଦିନର ନିରବତା ପରେ ପୁଣି ଖୁଣ୍ଟା ତହସିଲ ଅଧୀନରେ ସକ୍ରୀୟ ହୋଇ ଉଠିଛନ୍ତି ବେଆଇନ ପଥର ଚାଲାଣକାରୀ। ବୁଧବାର ଖୁଣ୍ଟା ତହସିଲ କର୍ତ୍ତୃପକ୍ଷ ଓ ପୋଲିସ ମିଳିତ ଭାବେ ଏକ ବେଆଇନ ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ କରି ଗୋଟିଏ ଜେସିବି ମେଶିନ ଜବତ କରିଛନ୍ତି। ଶିମିଳିପାଳର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶିମିଳିପାଳ ପାଦଦେଶରେ ସରକାରୀସ୍ତରରେ କୌଣସି ଖାଦାନ ନିଲାମ କରାଯାଉ ନ ଥିବା ଏବଂ ପୂର୍ବରୁ ଚାଲିଥିବା ବିଭିନ୍ନ ବେଆଇନ ଖାଦାନଗୁଡ଼ିକରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ମାତ୍ର ୧୪୪ ଧାରାକୁ ପଥର ଚାଲାଣକାରୀମାନେ ଉଲ୍ଲଘଂନ କରି କେତେକ ସ୍ଥାନରେ ମାଙ୍କଡ଼ା ପଥର ଉତ୍ତୋଳନ ଜାରି ରଖିଛନ୍ତି। ଏହି ସୂଚନା ପାଇ ଖୁଣ୍ଟା ତହସିଲର ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅନ୍ୟ ରାଜସ୍ୱ କର୍ମଚାରୀ ଓ ଖୁଣ୍ଟା ପୋଲିସର ଏକ ଟିମ୍ ବୁଧବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୧୪୪ ଧାରା ବଳବତ୍ତର ଥିବା ଜୁରାଡ଼ିହି ଗ୍ରାମରେ ଏକ ଖାଦାନରେ ମାଙ୍କଡ଼ା ପଥର ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଜେସିବି ମେଶିନକୁ ଜବତ କରି ଥାନାକୁ ଅଣାଯାଇଥିବା ସୂଚନା ମିଳିଛି।

### ଆନ୍ତର୍ଜାତିକ କନ୍ୟାରତ୍ନ ଦିବସ

ଗୋପବନ୍ଧୁ ନଗର,୧୨।୧୦(ଶାନ୍ତନୁ କୁମାର ମଡୁଆଳ)– ଗୋପବନ୍ଧୁ ନଗର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୁଶଳଦା ସିଟି ସ୍କୁଲ ପରିସରରେ ଆନ୍ତର୍ଜାତିକ କନ୍ୟାରତ୍ନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଡ.ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତା ବିଆର୍‌ସିସି କୁଳମଣି ନାଏକ, ସମ୍ମାନିତ ଅତିଥି ଏବିଇଓ ରଞ୍ଜିତା ପଣ୍ଡା ଓ ଆରତୀ ରାଉତ, ଗୁଡହିଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ଟାଙ୍ଗଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# କଲ୍ୟାଣମୂଳକ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା

## କେନ୍ଦୁଝରରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

କେନ୍ଦୁଝର,୧୨।୧୦ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)


ଉତ୍ତରାଞ୍ଚଳ ରାଜସ୍ୱ କମିଶନର କେନ୍ଦୁଝର ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର କେନ୍ଦୁଝର ଜିଲା ଗସ୍ତ କରିଛନ୍ତି। କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ଆଶିଷ ଠାକ୍‌ରେ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ କମିଶନରଙ୍କୁ ଅବଗତ କରିଥିଲେ।

ଏହି ପରିପ୍ରେକ୍ଷୀରେ କମିଶନର ଡ. ଦଳାଇ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗ, ଉପବିଭାଗର କାର୍ଯ୍ୟାବଳୀ ତଦାରଖ କରିବା ସହିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ଦରବାର ହଲ୍‌ଠାରେ ରାଜସ୍ୱ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଜିଲାପାଳ ଠାକରେଙ୍କ ସମେତ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର, ଚମ୍ପୁଆ ଏବଂ ଆନନ୍ଦପୁର ଉପଖଣ୍ଡର ଉପଜିଲାପାଳ, ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ରାଜସ୍ୱ କମିଶନରଙ୍କୁ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ରାଜସ୍ୱ କମିଶନର ବାଂଶପାଳ ବ୍ଲକ୍ ପରିଦର୍ଶନ କରି ଭିତ୍ତିଭୂମିର ପର୍ଯ୍ୟବେକ୍ଷଣ କରି ବ୍ଲକ୍‌ର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏତଦ୍‌ବ୍ୟତୀତ ବ୍ଲକ୍‌କୁ ଆସିଥିବା ଲୋକମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନେ ବିଭିନ୍ନ ସରକାରୀ ସେବା କିପରି ପାଉଛନ୍ତି ପଚାରି ବୁଝିଥିଲେ। ପରେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ତଦାରଖ କରିଥିଲେ। ରୋଗୀ ଏବଂ ଡାକ୍ତରମାନଙ୍କ ସହ ବାର୍ତ୍ତାଳାପ କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ।

# ଅଫରଠାରୁ ଦୂରେଇ ରହିଲେ ସାଇବର କ୍ରାଇମ କମିଯିବ



ସିମୁଳିଆ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ସୂଚନା ପ୍ରଦାନ କରୁଛନ୍ତି।

## ସାଇବର ସୁରକ୍ଷା ଅଭିଯାନ

ସିମୁଳିଆ, ୧୨।୧୦(ସନ୍ତୋଷ ନାୟକ)

ଜନସାଧାରଣ ସାଇବର ଠକେଇରୁ ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ସିମୁଳିଆ ପୋଲିସର ମିଳିତ ଉଦ୍ୟମରେ ବୁଧବାର ସିମୁଳିଆ ବ୍ଲକ ମାର୍କୋଣା ରଘୁନାରାୟଣ ହାଇସ୍କୁଲ ପରିସର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପରିସରରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଶାସନର ସଚେତନତା ରଥକୁ ବରିଷ୍ଠ ନାଗରିକ ସଂଘ, ମହିଳା ସଂଘ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଶୋଭାଯାତ୍ରାରେ ଷ୍ଟାଡିୟମ ପରିସରକୁ ଆଣିଥିଲେ। ପରେ ରଘୁନାରାୟଣ ବିଦ୍ୟାଳୟ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରା ଯୋଗଦେଇ ଜନସାଧାରଣଙ୍କୁ ସାଇବର ଠକେଇରୁ ସୁରକ୍ଷା ରହିବା ପାଇଁ ସୂଚନା ଦେଇ କ୍ଷତି ହେବା ପୂର୍ବରୁ ସତର୍କ ରହିବା ପାଇଁ ପରାମର୍ଶ ଦେବା ସହିତ ୧୯୩୦ ନମ୍ବରକୁ ଫୋନ୍ କରିବା ପାଇଁ କହିଥିଲେ। ସେହିପରି ସୋର ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ସୋସିଆଲ ମିଡିଆର ବ୍ୟବହାର ଓ ସଚେତନତା ସମ୍ପର୍କରେ ସୂଚନା ଦେଇଥିଲେ। ସିମୁଳିଆ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ମୋବାଇଲରେ ବିଭିନ୍ନ ଆପ୍ ଡାଉନଲୋଡ୍ ନ କରିବା, ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସୂଚନା ପ୍ରଦାନ ନ କରିବା, ବିଶେଷ କରି ବ୍ୟାଙ୍କ ସମ୍ବନ୍ଧୀୟ କାରବାରରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭିନ୍ନ ଅଫରଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ସାଂସଦ ପ୍ରତିନିଧି ରଞ୍ଜନ କୁମାର ବେହେରା, ସିଡିପିଓ ଭାରତୀ ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି ପ୍ରମୁଖ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ଉତ୍ସାହ ଓ ମହକ’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ବାରିପଦାଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରେ ରହୁଥିବା ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି ଅବସରରେ ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ନାଚ, କୁଇଜ ଏବଂ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସିଭିଲ କୋର୍ଟ ରେଜିଷ୍ଟ୍ରର ଆଶିଷ କୁମାର ପରିଛା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନପୂର୍ଣ୍ଣା ସିଙ୍କୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା,ସ୍ୱତନ୍ତ୍ର ଅତିଥି ଭାବେ ଓରମାସର ଡେପୁଟି ସିଇଓ ବିମାନ ମଲ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ଶିଶୁ ମଙ୍ଗଳ କେନ୍ଦ୍ରର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ଅନୁଷ୍ଠାନିକ ସେବା ଅଧିକାରୀ ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର,୧୨।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର କୋର୍ଟ ବିଚାରପତି ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଅକ୍ଷୟ ନାୟକ (୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟ ଅଧିକ ୬ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ପୂର୍ବରୁ ଅକ୍ଷୟ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ପୀଡ଼ିତା ଅନ୍ତସତ୍ୱା ହେବା ପରେ ବିବାହ କରିବାକୁ ମନା କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପାଟଣା ଥାନାରେ ୭ ଡିସେମ୍ବର ୨୦୧୫ରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୬୪/୨୦୧୫)ରୁଜୁ କରି ଅକ୍ଷୟଙ୍କୁ କୋର୍ଟଚାଲାଣ କରିଥିଲା। ୨୨ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ସ୍ୱତନ୍ତ୍ର କୋର୍ଟ ଉକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ଆଦେଶ କରିଛନ୍ତି।

# କାମରେ ଲାଗୁନି ପବ୍ଲିକ ପାର୍କ



ଚମ୍ପୁଆ,୧୨।୧୦(ମହେଶ୍ୱର ଦାସ)

■ ୬ ମାସ ହେବ ନିର୍ମାଣ ସରିଲାଣି
■ ପେଭର ବ୍ଲକ୍ ଉପରେ ଘାସ ମାଡ଼ିଗଲାଣି

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ ଗୋଟି ୱାର୍ଡବାସୀଙ୍କ ଶାରୀରିକ, ମାନସିକ ଅଭିବୃଦ୍ଧି ଓ ଆମୋଦ ପ୍ରୋମଦ ପାଇଁ ନିର୍ମାଣ ହୋଇଥିବା ପାର୍କ କାମରେ ଲାଗୁନାହିଁ। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଅନୁଯାୟୀ ଗୃହ ଏବଂ ସହର ଉନ୍ନୟନ ବିଭାଗ ଦ୍ୱାରା ପବ୍ଲିକ ପାର୍କ ନିର୍ମାଣ ହୋଇଥିଲା। ନିର୍ମାଣ କାର୍ଯ୍ୟ ପ୍ରାୟ ୬ ମାସ ପୂର୍ବେ ଶେଷ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଫାଟକରୁ ତାଲା ଖୋଲାଯାଉ ନ ଥିବାରୁ ସେଥିରେ କଳଙ୍କି ଲାଗିଗଲାଣି।

ସୂଚନା ଅନୁଯାୟୀ, ୧୩ ଗୋଟି ୱାର୍ଡ ପାଇଁ ଏନ୍‌ଏସି ପକ୍ଷରୁ ୨୫ ଲକ୍ଷ୍ୟ ବ୍ୟୟ ଅଟକଳରେ ୭ ଗୋଟି ପବ୍ଲିକ ପାର୍କ ନିର୍ମାଣ କରାଯାଇଛି। ଆବଶ୍ୟକ ସରଞ୍ଜାମ ପ୍ରାୟ ସବୁ ପାର୍କରେ ଲାଗିସାରିଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ଖୋଲୁନାହିଁ। କେତେକେ ସ୍ଥାନରେ ନିର୍ମାଣର କିଛିଦିନ ପରେ ପାଚେରି ଗଡ଼ିଯାଇଥିଲେ ମଧ୍ୟ ତାହାର ପୁନରୁଦ୍ଧାର କରାଯାଇ ନ ଥିବାରୁ ପାର୍କ ମଧ୍ୟରେ ପଡ଼ିଥିବା ପେଭର ବ୍ଲକ୍ ଉପରେ ଘାସ ମାଡ଼ିଗଲାଣି। ଏପରିକି ପାର୍କ ମଧ୍ୟରେ ବଣବୁଦା ହୋଇଗଲାଣି। ଏ ପଟେ ୱାର୍ଡବାସୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଥିବା ଏନଏସି ବିଭାଗ କେଉଁ କାରଣ ପାଇଁ ଏହା ଖୋଲୁନାହିଁ ତାହା ୱାର୍ଡବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସିଏମ୍‌ଏମ୍ ଅନନ୍ତ ଚରଣ ସାହୁ କହିଛନ୍ତି, ଏହା ଖୋଲିବା ପାଇଁ ଆମେ ଇଓଆଇ ବାହାର କରିଛୁ। ଏହା ମିଶନ ଶକ୍ତି ଗ୍ରୁପକୁ ଦିଆଯିବା ସହ ମାସିକ ରକ୍ଷଣାବେକ୍ଷଣ ପାଇଁ ୩ ହଜାର ଟଙ୍କା ପ୍ରଦାନ କରାଯିବ। ଖୁବ୍ ଶୀଘ୍ର ଏହା ୱାର୍ଡବାସୀଙ୍କ କାମରେ ଆସିବ ବୋଲି କହିଛନ୍ତି।

# ପ୍ରଫେସର କମଳାକାନ୍ତ ଜେନା ସମ୍ବର୍ଦ୍ଧିତ

ଭଦ୍ରକ,୧୨।୧୦(ସନାତନ ରାଉତ)


ଡ. କମଳାକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କମଳାକାନ୍ତ ଜେନାଙ୍କୁ ଯାଜପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପକ୍ଷରୁ ପଦାର୍ଥ ବିଜ୍ଞାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ଅନୁଷ୍ଠିତ ସମ୍ମାନରେ ବିଜ୍ଞାନ ଏକାଡେମୀର ବିଜ୍ଞାନ ବିଶେଷଜ୍ଞ ଓ ଭଦ୍ରକ ଜିଲାର ଯୁବ ରେଡ୍‌କ୍ରସ କନଭେନର ସେକ୍ରେଟାରୀ ଡ. ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ‘ମହାକାଶର ବିସ୍ମୟ’ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ପ୍ରଫେସର ରାଖାଲ କୁମାର ସେନାପତି, ପ୍ରଫେସର ଶାନ୍ତନୁ କୁମାର ଜେନା ଓ ଡ. ନାରାୟଣ ଚନ୍ଦ୍ର ଶାସିନୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲ ଡ. ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜ୍ଞାନକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୧୨ ଶହରୁ ଅଧିକ ଜନପ୍ରିୟ ବିଜ୍ଞାନ ପ୍ରବନ୍ଧ ରଚନା ଓ ରେଡିଓରେ ଜନପ୍ରିୟ ବିଜ୍ଞାନ ବକ୍ତବ୍ୟ ପ୍ରଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

# ଭାଜପାରେ ମିଶିଲେ ୩ ପରିବାର

ଆଗରପଡ଼ା,୧୨।୧୦(ସୁଶାନ୍ତ କୁମାର ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ମହିଷଗୋଠ ପଞ୍ଚାୟତର ନରାଜପୁର ଏବଂ ବଡ଼ମହିଷଗୋଠ ଗ୍ରାମର ଭୀମସେନ ନାଥ, ରତ୍ନାକର ଯେନା ଏବଂ ବସନ୍ତ ଯେନାଙ୍କ ପରିବାର ଭାଜପାରେ ଯୋଗ ଦେଇଛନ୍ତି। ଆଗରପଡ଼ା ମହତାବ ମଣ୍ଡଳର ସାଧାରଣ ସମ୍ପାଦକ ଅମୂଲ୍ୟ ନନ୍ଦଙ୍କ ନେତୃତ୍ୱରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ମିଶ୍ରଣ ପର୍ବରେ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ବଦ୍ରି ନାରାୟଣ ଧଳ, ପଞ୍ଚାନନ ରାଉତ ପ୍ରମୁଖ ନୂତନ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗଜାନନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ମହୋତ୍ସବ



ମହୋତ୍ସବରେ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଭଦ୍ରକ, ୧୨।୧୦ (ରବିନାରାୟଣ ଖିଲାର)

ଭଦ୍ରକରେ ଏକ ମାସ ଧରି ଗଣେଶ ପୂଜା ଚାଲିଛି। କଦମବେଡ଼ାଠାରେ ଗଜାନନ ପୂଜା ପାଉଥିବା ବେଳେ କମିଟି ପକ୍ଷରୁ ନାୟକକଲୋନୀରେ ସାଂସ୍କୃତିକ ମହୋତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ତଥା କମିଟିର ଉପଦେଷ୍ଟା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। କାଉନସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନସିଲର ଘାଉଲି ଜେନା, କବୟିତ୍ରୀ ଦମୟନ୍ତୀ ରାଉତ, ଖବରଦାତା ଅବିନାଶ ପଣ୍ଡା, କମିଟି ସଭାପତି ସନିଆ ନାୟକ ଓ ସମ୍ପାଦକ ଶିବା ନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ସମ୍ମାନିତ ଅତିଥି ଭାବେ ସଂଗୀତଜ୍ଞ ରାମନାରାୟଣ ମହାନ୍ତି, ସେକ୍ ବାବୁ ଜଲାଲ, ସେକ୍ ଲାଲା ପ୍ରମୁଖ ଯୋଗଦେଇ କହିଥିଲେ, ଭଦ୍ରକ ହେଉଛି ଭାଇଚାରାର ସହର। ଏଠାରେ ଉଭୟ ସମ୍ପ୍ରଦାୟର ମିଳିତ ସହଯୋଗରେ ହେଉଛି ଗଣେଶ ପୂଜା। ପିଲାମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଛି। ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଗୃହରକ୍ଷୀ ବାହିନୀର ଦୋଳଗୋବିନ୍ଦ ମହାପାତ୍ର, କବୟିତ୍ରୀ ଦମୟନ୍ତୀ ରାଉତ ଓ ନୃତ୍ୟ ନିର୍ଦ୍ଦେଶିକା ଲିପ୍ସା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ପ୍ରତିଯୋଗିତାରେ ନିରୁପମା ନାୟକ, ସାମ୍ବିକା ନାୟକ, ସୋନାଲି ସାହୁ, ରଶ୍ମିତା ନାୟକ ଏବଂ ସଙ୍ଗୀତରେ ଶ୍ରୁତି ଶ୍ରୀୟା ମହାନ୍ତି ଓ ପ୍ରିୟଙ୍କା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ନାରୀନେତ୍ରୀ ତେଜସ୍ୱିନୀ ଦାସ, ସସ୍ମିତା ବଳ, ଶାନ୍ତନୁ ଦଳେଇ, ନାୟକ ସାହି କଲୋନୀର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱ

## ଆନ୍ତର୍ଜାତିକ ସ୍ଲଥ୍ ଭାଲୁ ଦିବସ ପାଳିତ

ବାଲେଶ୍ୱର, ୧୨।୧୦(ମାନସ ବିଶ୍ୱାଳ)



ଆନ୍ତର୍ଜାତିକ ସ୍ଲଥ୍ ଭାଲୁ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ(ଏଫ୍‌ଏମ୍‌ୟୁ)ର ପିଜି କାଉନସିଲ ସମ୍ମିଳନୀ କକ୍ଷରେ ଗୁରୁବାର ଆର୍ଥ କ୍ରୁସାଡ଼ରସ୍ ସଂସ୍ଥା ଭୁବନେଶ୍ୱର ତଥା ବାଲେଶ୍ୱର ବନ୍ୟଜନ୍ତୁ ବିଭାଗ ଦ୍ୱାରା ସଙ୍ଗଠିତ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ‘ଆନ୍ତର୍ଜାତିକ ସ୍ଲଥ୍ ଭାଲୁ ଦିବସ’ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସୁର୍ଯ୍ୟେନ୍ଦୁ ଦେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ୍ ସସ୍ମିତା ସାହୁ, ବାଲେଶ୍ୱର ୱାଇଲ୍ଡ ଲାଇଫ୍ ଡିଭିଜନ୍ ଓ ହେର୍ପେଟୋଲୋଜିଷ୍ଟ ପ୍ରଫେସର ଡ. ସୁଶୀଲ କୁମାର ଦତ୍ତ ଯୋଗଦେଇ ଏହି ସ୍ଲଥ୍ ଭାଲୁର ଜୀବନ ଅସୁରକ୍ଷିତ ହେବାର କାରଣ ଓ ବିଲୁପ୍ତ ହେବାର ଆଶଙ୍କା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ବନ୍ୟଜନ୍ତୁ ଟ୍ରଷ୍ଟର ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ଅଶରଫ୍ ଏନ୍‌ଭିକେ ଉପସ୍ଥିତ ଥିଲେ। ଆର୍ଥ କ୍ରୁସାଡରସ୍ ସଂସ୍ଥାର ପ୍ରତିଷ୍ଠାତା ଅରବିନ୍ଦ ସାମଲ ଏହି ବିଶେଷ ଦିନ ସମ୍ପର୍କରେ ସୂଚିତ କରିବା ସହ ଜନସାଧାରଣ ଓ ମିଳିତ ଭାବେ ଆମେ ବନ୍ୟପ୍ରାଣୀଙ୍କ ସୁରକ୍ଷାର ଦାୟିତ୍ୱ ନେବା ପାଇଁ ସଚେତନ କରାଇଥିଲେ। ବନ୍ୟଜୀବଙ୍କ ସହ ମଣିଷ ସମାଜରେ ରହିଆସିଥିବା ଭୟ ଓ ବିବାଦର ରୂପ କେତେମାତ୍ରାରେ ଭୟଙ୍କର ହୋଇପାରେ ତାହାର ବିଶ୍ଲେଷଣ କରିଥିଲେ। ବିଲୁପ୍ତ ପ୍ରାୟ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାର ପ୍ରୟୋଜନ ରହିଛି ବୋଲି କହିଥିଲେ। ଅତିଥିଙ୍କ ମଧ୍ୟରେ ବନ୍ୟଜନ୍ତୁ ସୁରକ୍ଷା ସଚେତକ ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ। ପ୍ରାଣୀବିଜ୍ଞାନ ବିଭାଗ ପ୍ରଫେସର ଡ. ଭାସ୍କର ବେହେରା ଅତିଥି ପରିଚୟ ଓ ପ୍ରିୟଙ୍କା ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଡ. ନିହାର କର ଧନ୍ୟବାଦ ଦେଇଥିଲେ।

**ଗୁହାଳରେ ନିଆଁ ଲାଗି ୫ ଗୋରୁ ଜୀବନ୍ତ ଦଗ୍ଧ**

**ନୀଳଗିରି,(ପ୍ରଶାନ୍ତ କୁମାର ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ଏନଏସି ମିରିଗିଣି ଅଞ୍ଚଳରେ ଖଗେନ୍ଦ୍ର ବିଶ୍ୱାଳଙ୍କ ଗୁହାଳରେ ନିଆଁ ଲାଗି ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମଶା ପାଇଁ ଅଣ୍ଡା କାର୍ଟୁନ ଜାଳି ଧୂଆଁ ଦିଆଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି।



## ସଂକ୍ଷେପରେ

### ପ୍ରାକ୍ତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ ନୀଳଗିରି କଲେଜ ପରିଚାଳନା କମିଟି ସଭାପତି

ନୀଳଗିରି, ୧୨।୧୦(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ରିଡର୍ ଜୟନ୍ତ କୁମାର ଦାସ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନୀଳଗିରି କଲେଜ ପରିଚାଳନା କମିଟିର ସଭାପତି ଭାବେ ମନୋନୀତ ହୋଇଛନ୍ତି। ଦାସ ମନୋନୀତ ହୋଇଥିବା ନେଇ ଉଚ୍ଚଶିକ୍ଷା ବିଭାଗ ପତ୍ରସଂଖ୍ୟା ୪୪୩୦୧ ତା୧୧।୧୦।୨୩ ରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନ 1 ଳ ଗି ରି ବାଲିଗୋହିରି ଅଞ୍ଚଳର ଦାସ ନୀଳଗିରି ମହାବିଦ୍ୟାଳୟରେ ସଂସ୍କୃତ ବିଭାଗର ରିଡର୍ ଭାବରେ କାର୍ଯ୍ୟ କରି ଶେଷରେ ଅଧ୍ୟକ୍ଷ ଭାବେ ୨୦୧୯ରେ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ଗୁରୁବାର ବାଲେଶ୍ୱର ଛାତ୍ର କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ କମଲଲୋଚନ ପଣ୍ଡାଙ୍କ ନେତୃତ୍ୱରେ ନୀଳଗିରି ଛାତ୍ର କଂଗ୍ରେସ ପରିବାର ତରଫରୁ ନୀଳଗିରି ପରିଚାଳନା କମିଟି ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଜୟଦେବ ବେହେରା, ଉପସଭାପତି ସୁଧାରଞ୍ଜନ ମହାପାତ୍ର, ସତ୍ୟବ୍ରତ ମହାଲିକ, ସୁଜିତ ପ୍ରଧାନ, ଅମର ମହାନ୍ତି ଓ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ୩ ଗିରଫ

ପାଟଣା,୧୨।୧୦(ବୀର କୁଶୋର ଦାଶ): କେନ୍ଦୁଝର ଜିଲା ପାଟଣା ପୋଲିସ ଲୁହାଛଡ଼ ଚୋରି ଅଭିଯୋଗରେ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଯୁବକ ପାଟଣା ଥାନା ମୁଖ୍ୟାଳୟ ବଡ଼ ପାଟଣା ଗ୍ରାମର ରାକେଶ କାରୁଆ (୩୩), ରଞ୍ଜନ କାରୁଆ (୨୮) ଓ ଦକ୍ଷିଣୀପଶି ଗ୍ରାମର ହେମନ୍ତ ଭୂମିଜ (୧୮)। ଚୋରି ୩ ଖଣ୍ଡ ଲୁହାଛଡ଼କୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଖଜୁରୀଡ଼ିହା ଗ୍ରାମର ହଳଧର ମହାନ୍ତ ପାଟଣା ବଜାର ଉପରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି। ପିଲର ପାଇଁ ରଖିଥିବା ୧୬ ଏମ୍‌ଏମ୍ ଛଡ଼ ବଣ୍ଡଲକୁ ବୁଧବାର ରାତିରେ ୩ ଅଭିଯୁକ୍ତ ଚୋରି କରିନେଉଥିବା ବେଳେ ସ୍ଥାନୀୟ ଲୋକେ ପାଟଣା ମୁଖ୍ୟାଳୟ ପଶୁ ଡାକ୍ତରଖାନା ରାସ୍ତାରେ ଧରି ପୋଲିସକୁ ଖବର ଦେଇଥିଲେ। ପରେ ଘର ମାଲିକଙ୍କ ଅଭିଯୋଗ ଆଧାରରେ ପାଟଣା ଥାନାରେ ଏକ ମାମଲା (ନଂ.୧୮୧/୨୩)ରୁଜୁ ହୋଇଛି। ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

### ବାଇକ୍ ଧକ୍କାରେ ପଥଚାରୀ ମୃତ

ଭୋଗରାଇ, ୧୨।୧ ୦(ପ୍ରଦୀପ ଦାସ ) ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରାଇପୁର ଗ୍ରାମର ଯଜ୍ଞେଶ୍ୱର ବେଜ ବୁଧବାର ସନ୍ଧ୍ୟାରେ ଜଳେଶ୍ୱର -ଚନ୍ଦନେଶ୍ୱର ରାସ୍ତା ଚୌକି ବଜାରରେ ରାସ୍ତା ପାର ହେଉଥିବା ବେଳେ ଏକ ବାଇକ୍ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇ ଅଚେତ ହୋଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଛି।

# ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଲା ଭାଜପା

କେନ୍ଦୁଝର,୧୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)


ଭାଜପା ପ୍ରତିନିଧି ଦଳ।

କେନ୍ଦୁଝରଗଡ଼ ପୌରପାଳିକା ସହରବାସୀଙ୍କୁ ସର୍ବନିମ୍ନ ସୁବିଧା ମିଳୁନାହିଁ। ପୌରପାଳିକା ହୋଲ୍ଡିଂ ଟ୍ୟାକ୍ସ, ୟୁଜର ଫି ବାବଦ ଅନେକ କୋଟି ଟଙ୍କା ଆଦାୟ କରୁଥିବାବେଳେ ସହରବାସୀ ବିଦ୍ୟୁତ୍, ରାସ୍ତା, ପରିମଳ ଭଳି ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ରହୁଛନ୍ତି। ଏ ନେଇ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଏକ ଟିମ ପୌର ନିର୍ବାହୀ ଅଧିକାରୀଙ୍କୁ ଗୁରୁବାର ଭେଟି ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ଅଭିଯୋଗ ମୁତାବକ, ୨୧ ୱାର୍ଡ ବିଶିଷ୍ଟ ଏହି ପୌରପାଳିକା ମାଷ୍ଟରପ୍ଲାନ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ପ୍ଲାନ ଅନୁଯାୟୀ ଗୃହ, ରାସ୍ତାଘାଟ, ଲାଇଟ, ଡ୍ରେନେଜ ଆଦି କରାଯାଇନାହିଁ। ମାଷ୍ଟରପ୍ଲାନ ବାହାରେ କାମ ହେଉଥିବାରୁ ଅନେକ ସାହିରେ ଜରୁରିକାଳୀନ ଆମ୍ବୁଲାନ୍ସ, ଦମକଳ ଗାଡ଼ି, ସେସପୁଲ, ପାଣି ଟ୍ୟାଙ୍କର, ସ୍କୁଲ ଭ୍ୟାନ, ଗ୍ୟାସ ନେବା ଆଣିବା କରୁଥିବା ଗାଡ଼ି ଆଦି ପ୍ରବେଶ କରିପାରୁନାହିଁ। ବେଆଇନ ଜବରଦଖଲକାରୀଙ୍କୁ ନୋଟିସ୍ ହେଉଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ବିଲ୍ଡିଂ ପ୍ଲାନ ନ ଥାଇ ଏବଂ ପାର୍କିଂ ସୁବିଧା ନକରି ବହୁ ବ୍ୟବସାୟିକ ଅଟ୍ଟାଳିକା ନିର୍ମାଣ ହେଉଛି। ଠାକୁରଙ୍କ ଜମିରେ ବେଆଇନ ନିର୍ମାଣ କରାଯାଉଛି। ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷା ହେଲେ ଅନେକ ସାହି ଜଳମଗ୍ନ ହେଉଛି, ୱାର୍ଡରେ ଆବର୍ଜନା ପରିଚାଳନା ଠିକ୍ ଭାବରେ ହେଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବିନା ଟ୍ରେଡ୍ ଲାଇସେନ୍ସ ଓ ପ୍ଲାନ୍‌ରେ ବ୍ୟବସାୟିକ ସଂସ୍ଥା, ସ୍କ୍ରାପ ବ୍ୟବସାୟ ଓ ହୋଟେଲ ଚାଲିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

**ସମସ୍ୟାରେ ଜର୍ଜରିତ କେନ୍ଦୁଝରଗଡ଼ ପୌରବାସୀ**

କେନ୍ଦୁଝର ପୁରୁଣା ସହରରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡ ପୌରପାଳିକାର ଆନ୍ତରିକତା ଅଭାବରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ ପାଇଁ ହାତଗୁଞ୍ଜା ଦେବାକୁ ପଡୁଛି ବୋଲି ଭାଜପା ଅଭିଯୋଗ କରିଛି। ଏଥିସହ ଗତ ୪ ବର୍ଷରେ ହୋଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଯାଞ୍ଚ କରିବାକୁ ଭାଜପା ଜିଲା ସଭାପତି ଦାବି କରିଛନ୍ତି। ଟିମ୍‌ରେ ଜିଲା ସଭାପତିଙ୍କ ସମେତ ଭାଜପା ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲା ସମ୍ପାଦକ ଦୀପକ ଜେନା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ ସିଂ, ଜିଲା ଭାଜପା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସବୀର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ସଚେତନତା କାର୍ଯ୍ୟକ୍ରମ



ସାଇବର ସଚେତନତା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୧୨।୧୦(ଉତ୍କଳବନ୍ଧୁ ପଣ୍ଡା)

ରାଜ୍ୟ ଓ ଜିଲା ପୋଲିସ ନିର୍ଦ୍ଦେଶକ୍ରମେ ଓ ଖଇରା ପୋଲିସ ଆନୁକୂଲ୍ୟରେ ବୁଧବାର ଖଇରା ହାଇସ୍କୁଲ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବଣପାରିଆ ଛକ ନିକଟରେ ସଚେତନତା ରଥକୁ ସ୍ୱାଗତ କରାଯାଇ ଏକ ଶୋଭାଯାତ୍ରାରେ ଖଇରା ହାଇସ୍କୁଲ ପରିସରକୁ ନିଆଯାଇଥିଲା। ପରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଡିଏସ୍‌ପି ଆଲୋକ ରଞ୍ଜନ ରାୟ, ଏବିଇଓ ହେମନ୍ତ କୁମାର ମିଶ୍ର, ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ, ଓଷ୍ଟା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ଖଇରା ଥାନା ଆଇଆଇସି ଗୟାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସବୁ ବର୍ଗର ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି । ଏଣୁ ଫ୍ରଡ କଲରେ ସତର୍କତା ଅବଲମ୍ବନ, ନିଜର ବ୍ୟାଙ୍କ ବିବରଣୀ ସୁରକ୍ଷିତ ରଖିଲେ ସାଇବର ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ନରସିଂହ ପାଣି ବେଦପାଠ, ପ୍ରଶାନ୍ତ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ହାଇସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

### ଜମିଜମା ବିବାଦରୁ ଆକ୍ରମଣ ଘଟଣା
## ସୁରକ୍ଷା ଲୋଡ଼ିଲେ ହୋଟେଲ ମାଲିକ

ଭଦ୍ରକ,୧୨।୧୦(ସନାତନ ରାଉତ)– ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଗୋଷ୍ଠୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଘଟଣାରେ ଜଣଙ୍କୁ ମଧ୍ୟ ଛୁରାମାଡ଼ ହୋଇଥିଲା। ଏନେଇ ବୁଧବାର ସନ୍ଧ୍ୟାରେ ଆହୂତ ଖବରଦାତା ସମ୍ମିଳନୀରେ ହୋଟେଲ ମାଲିକ ଶୁଭକାନ୍ତ ପତି ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଏବଂ ନ୍ୟାୟ ଦେବା ପାଇଁ ଜିଲା ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ଜମିଜମାବିବାଦକୁ ନେଇ ଶତ୍ରୁତା ଲାଗି ରହିଥିବା ବେଳେ ତାଙ୍କର ଓ ତାଙ୍କ ପରିବାରର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି। ତାଙ୍କ ହୋଟେଲ ବ୍ୟବସାୟ ଥିବାରୁ ତାଙ୍କୁ ସବୁବେଳେ ଘରୁ ବାହାରକୁ ଆସିବାକୁ ପଡୁଛି। ଯାତାୟାତ ବେଳେ ସେ ଭୟଭୀତ ରହୁଥିବା ପ୍ରକାଶ କରିଛନ୍ତି। ମଙ୍ଗଳବାର ରାତିରେ ତାଙ୍କ ହୋଟେଲ ସାମ୍ନାରେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିବା ପାଇଁ ଆସିଥିଲେ। ସେ ତାଙ୍କର ସହଯୋଗୀ ଓ ସମ୍ପର୍କୀୟମାନଙ୍କ ପାଇଁ ଆକ୍ରମଣରୁ ରକ୍ଷା ପାଇଛନ୍ତି। ଘଟଣାରେ ଦୁଇଜଣ ଗିରଫ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ତୁରନ୍ତ ଗିରଫ କରିବା ପାଇଁ ସେ ଦାବି କରିଛନ୍ତି।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଗୋପବନ୍ଧୁ ନଗର,୧୨।୧୦ (ଶାନ୍ତନୁ କୁମାର ମଢୁଆଳ)– ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ରାଣୀବନ୍ଧ ଅଞ୍ଚଳରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ ଟ୍ରାକ୍ଟର ଖୁଣ୍ଟା ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୮୨/୨୩) ରୁଜୁ ହୋଇଛି। ଜବତ ଟ୍ରାକ୍ଟର ଦୁଇଟି ଥାନାରେ ଅଟକ ରଖାଯାଇଛି।

# ରାଜପଥରେ ଷଣ୍ଢ ବୋଝେଇ ଡମ୍ଫର ଜବତ

ରୂପସା(ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢ଼ୀ), ୧୨।୧୦

ବଜରଙ୍ଗ ଦଳର କର୍ମୀଙ୍କ ଦ୍ୱାରା ଜାତୀୟ ରାଜପଥରେ ଗୁରୁବାର ପୁଣି ଏକ ବେଆଇନ ଷଣ୍ଢ ବୋଝେଇ ଡମ୍ଫର ଜବତ ହୋଇଛି। ଭଦ୍ରକରୁ ପଶ୍ଚିମବଙ୍ଗ ଯାଉଥିବା ଏକ ଡମ୍ଫର (ନଂ.ଓଆର୍୦୧କେ-୯୫୧୧) ଯୋଗେ ବେଆଇନ ଭାବେ ୧୭ଟି ଷଣ୍ଢର ଗୋଡ଼ ଓ ମୁହଁ ବାନ୍ଧି ଚାଲାଣ ହେଉଥିଲା। ବାଲେଶ୍ୱରରୁ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଏହାର ପିଛା କରିଥିଲେ। ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ବସ୍ତା ଥାନା ଗାନ୍ଧିଛକ ନିକଟ କୁଡ଼ିଆ ବାଇପାସ୍‌ଠାରେ ଡମ୍ଫରକୁ ଧରାଯାଇଥିଲା।

ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଧୀରେନ କୁମାର ସେଠୀ, ରାମଚନ୍ଦ୍ର ଦାସ, ତାପସ କୁମାର ରାଉତ, ଜିତେନ୍ କୁମାର ନାୟକ, ଜୟକୃଷ୍ଣ ବାରିକ, ରାକେଶ ଜେନା, ସୁବାଶିଷ ବେହେରା, ଶରତ କୁମାର ଜେନା, ମଣ୍ଟୁ ଜେନା, ଜ୍ୟୋତିପଦ ଘୋଷ ଓ କାଳୀଚରଣ ଲେଙ୍କାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉକ୍ତ ଷଣ୍ଢ ବୋଝେଇ ଡମ୍ଫରକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଜାତୀୟ ରାଜପଥ ପୋଲିସ ପାଟ୍ରୋଲିଂ ଭ୍ୟାନ ଆସି ଡମ୍ଫରକୁ ଜବତ କରି ବସ୍ତା ଥାନାକୁ ଆଣିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଚମ୍ପଟ ମାରିଥିଲେ। ବସ୍ତା ଥାନା ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ସୁରକ୍ଷିତ ଭାବେ ୧୭ଟି ଷଣ୍ଢକୁ ବାମପଦାସ୍ଥିତ ମା' ଭାରତୀ ଗୋଶାଳାରେ ଛାଡ଼ିଥିଲେ। ଏହି ଡମ୍ଫରରେ ଏକାଧିକ ନମ୍ବର ପ୍ଲେଟ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

**ଡମ୍ଫରରେ ରହିଛି ଏକାଧିକ ନମ୍ବର ପ୍ଲେଟ**

# ବିଜେଡିର ଜନସମ୍ପର୍କ ପଦଯାତ୍ରା


ପଦଯାତ୍ରାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ବିଜେଡି ନେତା ଓ କର୍ମୀ।

ବାସୁଦେବପୁର, ୧୨।୧୦ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବାଲିନଗରସ୍ଥିତ ଯାଦବ ପଡ଼ିଆରେ ପ୍ରଥମେ ସଚେତନତା ସଭା ବ୍ଲକ ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଓଡ଼ିଶାର ବିକାଶଧାରାକୁ ମୁଖ୍ୟମନ୍ତ୍ରୀ ଆଗେଇ ନେବାରେ ସଫଳ ହୋଇଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଏହି ବିକାଶଧାରାରେ ସାମିଲ ହୋଇ ଗର୍ବ ଅନୁଭବ କରିଛନ୍ତି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ୍, ଉପାଧ୍ୟକ୍ଷଙ୍କ ପ୍ରତିନିଧି ରତିକାନ୍ତ ବାରିକ, ଜିଲା ସାଧାରଣ ସମ୍ପାଦକ ଭାଗୀରଥି ବଳ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଶୁଭେନ୍ଦୁ ଭୂଷଣ ବେହେରା, ରାଜ୍ୟ ମହିଳା ସମ୍ପାଦିକା ରଶ୍ମିତା ନାୟକଙ୍କ ସମେତ ନେତା ଓ କର୍ମୀମାନେ ବକ୍ତବ୍ୟ ରଖିଥିଲେ। ପରେ ଯାଦବ ପଡ଼ିଆଠାରୁ ପଦଯାତ୍ରା ବାହାରି ସହର ପରିକ୍ରମା କରି ନୀଳମଣି ଟାଉନ ହଲ୍‌ଠାରେ ଉଦ୍‌ଯାପିତ ହୋଇଥିଲା।

# ସ୍ଥଗିତ ରହିଲା ରିଲେ ଅନଶନ


ଅନଶନକାରୀଙ୍କ ସହ ବିଜେଡି ନେତା ଆଲୋଚନା କରୁଛନ୍ତି।

ବୈଶିଙ୍ଗା,୧୨।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଥିବା ଏରିଆ ହସ୍ପିଟାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦାବିରେ ଗତ ଗାନ୍ଧୀ ଜୟନ୍ତୀରୁ ଚାଲିଥିବା ରିଲେ ଅନଶନକୁ ସ୍ଥଗିତ ରଖାଯାଇଛି। ଅନଶନକୁ ୧୨ ଦିନ ହୋଇଥିବା ବେଳେ ଶାସକ ଦଳର ଜିଲାସ୍ତରୀୟ ନେତୃବୃନ୍ଦ ପହଞ୍ଚି ଆନ୍ଦୋଳନାତ୍ମକ ପନ୍ଥା ସ୍ଥଗିତ ରଖିବା ସହ ରାଜ୍ୟ ସରକାରଙ୍କ ଉପରେ ଭରସା ରଖିବାକୁ ନିବେଦନ କରିଥିଲେ। ଖୁବ ଶୀଘ୍ର ସରକାରଙ୍କ ପକ୍ଷରୁ ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଗୁରୁବାର ଆଞ୍ଚଳିକ ବିକାଶ ପରିଷଦର ଏକ ଜରୁରୀ ବୈଠକ ବସି ବିଜେଡି ନେତୃବୃନ୍ଦଙ୍କ ପ୍ରତିଶ୍ରୁତି ଉପରେ ଭରସା ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଜେଡି ପକ୍ଷରୁ ବଡ଼ସାହି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ନେତୃତ୍ୱରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ପ୍ରାକ୍ତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ବୃନ୍ଦାବନ ଦାସ, ବିକାଶ ଚନ୍ଦ୍ର ସେଠୀ, ଅଭିନ୍ନ ସୁନ୍ଦର ପାତ୍ର, ରବିନାରାୟଣ ପଣ୍ଡା, ଅର୍ଜୁନ ଦଲେଇ, ଲଲାଟେନ୍ଦୁ ବେହେରା, ବିନୋଦ ସିଂ, ସଞ୍ଜୟ ପ୍ରଧାନ ଏବଂ ୩୫ ,୩୬ ଓ ୩୭ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ତେବେ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ଆଲୋଚନା ବୈଠକରେ ଉପସ୍ଥିତ ରହିବା ପାଇଁ ଆଞ୍ଚଳିକ ବିକାଶ ପରିଷଦକୁ ଅନୁରୋଧ କରାଯାଇଥିବା ସୂଚନା ମିଳିଛି।

**ବୈଶିଙ୍ଗା ଡାକ୍ତରଖାନାର ଉନ୍ନତୀକରଣ ଦାବି**

# ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର



ଧାମନଗର , ୧୨।୧୦ (ଦେବେନ୍ଦ୍ର ଆନ୍ଦିଆ)

୧୬ ନଂ. ଜାତୀୟ ରାଜପଥର ଧାମନଗର ଛକଠାରୁ ଅନତି ଦୂର ମିଲ୍‌ଛକଠାରେ ଏକ ସାର ଦୋକାନ ରାସ୍ତାପାର୍ଶ୍ୱରୁ ଜଣେ ନବଜାତ ଶିଶୁକନ୍ୟାକୁ ଗୁରୁବାର ସକାଳେ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ବ୍ୟବସାୟୀ ପ୍ରଦ୍ୟୁମ୍ନ ବାରିକ ଶିଶୁକୁ ଦେଖି ଆମ୍ବୁଲାନ୍ସକୁ ଜଣାଇଥିଲେ। ଜନ୍ମ ପରେ ଶିଶୁକନ୍ୟାକୁ କିଏ ଅସହାୟ ଅବସ୍ଥାରେ ରାସ୍ତାପାର୍ଶ୍ୱ ଅଳିଆଗଦାରେ ଶୁଆଇ ଛାଡ଼ି ଚାଲି ଯାଇଛନ୍ତି। ପିରିପୁର ଗ୍ରାମର ଆଶାକର୍ମୀଙ୍କ ସହାୟତାରେ ଶିଶୁକନ୍ୟାକୁ ଆମ୍ବୁଲାନ୍ସରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଶିଶୁକନ୍ୟା ୨୪ ଘଣ୍ଟା ମଧ୍ୟରେ ଜନ୍ମ ହୋଇଛି। ଜନ୍ମକାଳୀନ ସମସ୍ତ ଟିକାକରଣ ସହ ଚିକିତ୍ସା କରାଯାଇଥିଲା। ଶିଶୁ କନ୍ୟା ସୁସ୍ଥ ଥିବା ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁ କହିଛନ୍ତି। ମେଡିକାଲ ପକ୍ଷରୁ ଭଣ୍ଡାରିପୋଖରୀ ଥାନା ପୋଲିସକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅଧିକାରିଣୀ(ଅଣଆନୁଷ୍ଠାନିକ) ସ୍ୱାଗତିକା ବାରିକ, ଶିଶୁ ମଙ୍ଗଳ ଅଧ୍ୟକ୍ଷ ଡାକ୍ତର ଦେବରାଜ ପାଣିଗ୍ରାହୀ, ସଦସ୍ୟା ଭାରତୀ ଦାସ ଓ ଶିଶୁ ବିକାଶ ସୁପରଭାଇଜର ଦୀପାଳି ମିଶ୍ର ମେଡିକାଲରେ ପହଞ୍ଚି ଶିଶୁକୁ ହେପାଜତକୁ ନେଇ ଭଦ୍ରକ ସ୍ଥାନାନ୍ତର କରିଥିଲେ। ଶିଶୁକନ୍ୟାକୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ଆଇସିୟୁରେ ରଖାଯାଇଛି ବୋଲି ଶିଶୁ ସୁରକ୍ଷା ଅଧିକାରୀ ଜଣାଇଛନ୍ତି। ତେବେ ଉଦ୍ଧାର କରିଥିବା ପ୍ରଦ୍ୟୁମ୍ନ ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଆଗ୍ରହ ପ୍ରକାଶ କରିଥିବା ବେଳେ ଏଥିନେଇ ପ୍ରଶାସନିକ ନିଷ୍ପତ୍ତି ସ୍ପଷ୍ଟ ହୋଇନାହିଁ।

# ନିଲମ୍ବନ ପରେ ଶକ୍ତି ପ୍ରଦର୍ଶନ କଲେ ବ୍ରଜମୋହନ



ଜଳେଶ୍ୱର ବିଜେଡିର ନେତୃତ୍ୱ ପରିବର୍ତ୍ତନ ପାଇଁ ପଦଯାତ୍ରା।

ରାଇବଣିଆ,୧୨।୧୦(ନବୀନ ସାହୁ)

ବିଜେଡିରୁ ନିଲମ୍ବନ ପରେ ମଧ୍ୟ ଶକ୍ତି ପ୍ରଦର୍ଶନ କରିଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ। ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ନେତୃତ୍ୱ ପରିବର୍ତ୍ତନ ପାଇଁ ସେ ଅଣ୍ଟା ଭିଡିଛନ୍ତି। ବିଜେଡି ପଦଯାତ୍ରା ଅବସରରେ କୋଟସାହି (ଡିଙ୍ଗାଶୋଳ) ଗ୍ରାମ ଖେଳ ପଡ଼ିଆଠାରେ ଏକ ବିଶାଳ ସମାବେଶ ଆୟୋଜନ କରି ସମର୍ଥକଙ୍କୁ ଏକାଠି କରିଛନ୍ତି। ପରେ ଏକ ପଦଯାତ୍ରାରେ କୋଟସାହି ସ୍କୁଲ ପର୍ଯ୍ୟନ୍ତ ଯାଇ ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିଛନ୍ତି। ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖିବାକୁ ଚାହାନ୍ତି ବୋଲି ସେ ଆହ୍ୱାନ ଦେଇଛନ୍ତି। ଯୁବନେତା କାଳିଚରଣ ଦାସ, ରାସବିହାରୀ ରଣା, ଚନ୍ଦନ କୁମାର କର, ସତ୍ୟ ଶୋଭନ ମିଶ୍ରଙ୍କ ପରିଚାଳନାରେ ନଛିମପୁର ସରପଞ୍ଚ ରାଜେଶ ଜେନା, ପୂର୍ବତନ ବିଜେଡି ସଭାପତି ଭୂପତି ଚରଣ ମିର୍ଦ୍ଧା ଓ ସୁଧୀର କୁମାର ପାତ୍ର, କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ଗୋବରଘାଟା ସରପଞ୍ଚ ମିନତୀ କର, ଆରୁହା ସମିତିସଭ୍ୟା ମଧୁସ୍ମିତା ମହାନ୍ତିଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ପୂର୍ବତନ ପ୍ରତିନିଧି ଉପସ୍ଥିତ ହୋଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଆଶା ପ୍ରକଟ କରିଥିଲେ। ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ମଣ୍ଡଳୀରେ ସେମିତି କିଛି ଆଖି ଦୃଶିଆ କାମ କରି ନ ଥିବାରୁ ତାଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନରେ ବ୍ରଜମୋହନ ପ୍ରଧାନଙ୍କୁ ବିଧାୟକ ଭାବେ ନିର୍ବାଚିତ କରାଇବା ପାଇଁ ସଂକଳ୍ପବଦ୍ଧ ବୋଲି ନେତାମାନେ ବକ୍ତବ୍ୟରେ କହିଥିଲେ।

# ବନେଇକଳା ବସ୍ତି ରାସ୍ତା ଶୋଚନୀୟ


ବିପର୍ଯ୍ୟସ୍ତ ରାସ୍ତା।

ଯୋଡ଼ା,୧୨।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ଦୁଇ ନଂ. ୱାର୍ଡର ବନେଇକଳା ବସ୍ତିର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେବ ରାସ୍ତା ମରାମତି କରାଯାଉ ନ ଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ୱାର୍ଡକୁ ସଂଯୋଗ ହୋଇଥିବା ରାସ୍ତା ଉପରେ ବନେଇ କଳା ବ୍ୟତୀତ ଅନ୍ୟ ବହୁ ବସ୍ତି ବାସିନ୍ଦା ପ୍ରତିଦିନ ଯୋଡ଼ା ବଜାର ଓ ବିଭିନ୍ନ ସ୍କୁଲ, ବ୍ୟାଙ୍କ, ଅଫିସ ଯିବା ପାଇଁ ନିର୍ଭର କରିଥାନ୍ତି। ଗତ କିଛି ମାସ ପୂର୍ବରୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ ବିଛାଇବା ପାଇଁ ରାସ୍ତା ଖୋଳି ଦିଆଯାଇଥିଲା। ପାଇପ ଲାଇନ ବିଛାଇବା କାର୍ଯ୍ୟ ଦୀର୍ଘ ମାସ ହେବ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ରାସ୍ତା ମରାମତି କରାଯାଇନାହିଁ। ରାସ୍ତାରେ ମାଟି ଓ କାଦୁଅ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯାତାୟତରେ ଠପ୍ ହୋଇଯାଉଛି। ପୌର ପାଳିକା ପକ୍ଷରୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ୱାର୍ଡ ବାସିନ୍ଦା ଦାବି କରିଛନ୍ତି।

